## ସଂକ୍ଷେପରେ

### ପୋଖରୀରେ ବୁଡ଼ି ୨ ମୃତ

**ପରଜଙ୍ଗ/ରାସୋଳ, ୨।୮ (ଡି.ଏନ.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ସାଆନ୍ଦା ବଡ଼ବନ୍ଧ ପୋଖରୀରୁ ରବିବାର ସ୍ଥାନୀୟ କମାରସାହିର ରୋହିତ ମହାରଣାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ରୋହିତ ଶନିବାର ପୋଖରୀକୁ ପଦ୍ମଫୁଲ ତୋଳିବାକୁ ଯାଇ ଆଉ ଫେରି ନ ଥିଲେ। ରବିବାର ଅଗ୍ନିଶମ ବାହିନୀ ସହାୟତାରେ ମୃତଦେହ ଉଦ୍ଧାର କରାଯାଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଫାଣ୍ଡି ଅଧିକାରୀ ରଞ୍ଜନ ପିଙ୍ଗୁଆ ସୂଚନା ଦେଇଛନ୍ତି। ସେହିପରି ରାସୋଳ ଥାନା ବାଉଁଶପୋଖରୀ ଗ୍ରାମର ମାୟାଧର ନାଏକ (୬୨) ବଳଦ ଗାଧୋଇ ଦେଉଥିବାବେଳେ ପୋଖରୀରେ ବୁଡ଼ିଯାଇଥିଲେ। ଗ୍ରାମବାସୀ, ଅଗ୍ନିଶମ ବାହିନୀ ଦୀର୍ଘ ୪ଘଣ୍ଟା ଧରି ଖୋଜାଖୋଜି କରିବା ପରେ ମୃତଦେହ ଉଦ୍ଧାର କରାଯାଇଥିଲା। ଢେଙ୍କାନାଳ ଜିଲା ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି।

### ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ଛେଣ୍ଡିପଦା, ୨।୮ (ସ୍ୱ.ପ୍ର.):** ଅନୁଗୋଳ ଜିଲା ଜରପଡା ଥାନା ଦୁର୍ଗାପୁର ପଞ୍ଚାୟତ ବକଳା ଗ୍ରାମରୁ ରବିବାର ପୋଲିସ ଜଣେ ଅଚିହ୍ନା ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରିଛି। ଗ୍ରାମର ବନ ସୁରକ୍ଷା ସମିତି ଗୃହରେ ମୃତଦେହ ପଡିଥିବା ଗ୍ରାମବାସୀ ଦେଖିବା ପରେ ସମିତି ସଭାପତି ସୁଧାକର ଗଡନାୟକ ଥାନରେ ଅଭିଯୋଗ କରିଥିଲେ। ଜରପଡା ଥାନା ଅଧିକାରୀ ପ୍ରଦୀପ କୁମାର ପ୍ରଧାନ ମୃତଦେହ ଜବତ କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଏ ନେଇ ନଂ. ୧୨/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ସାପ କାମୁଡ଼ାରେ ନାବାଳକ ମୃତ

**ଅନୁଗୋଳ ଅଫିସ୍, ୨।୮:** ଅନୁଗୋଳ ଜିଲା ପୁରୁଣାକୋଟ ଥାନା ସଲାର ଗ୍ରାମରେ ସାପ କାମୁଡ଼ାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅକ୍ରୁର ଜାନିଙ୍କ ପୁଅ ଆକାଶ ଜାନି(୧୨)। ଆକାଶ ଶନିବାର ରାତିରେ ଘରେ ଶୋଇଥବାବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଅନୁଗୋଳ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

### ଜଳିଗଲା ୮ ବଖରା



**ମାଧପୁର, ୨।୮:** ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଲୁଣହାଣ୍ଡି ପଞ୍ଚାୟତ ରସୋସିଙ୍ଗା ଗ୍ରାମରେ ରବିବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ସୁରେନ୍ଦ୍ର ଭୋକ୍ତା, ଆର୍ତ୍ତ ଭୋକ୍ତା, ନରେନ୍ଦ୍ର ଭୋକ୍ତା ଏବଂ ପ୍ରଶାନ୍ତ ଭୋକ୍ତାଙ୍କ ୮ ବଖରା ଘର ପୋଡି ପାଉଁଶ ହୋଇଯାଇଛି। ଘରେ ଥିବା ସମସ୍ତ ଆସବାବପତ୍ର, ମୂଲ୍ୟବାନ ସାମଗ୍ରୀ ଜଳି ନଷ୍ଟ ହୋଇଯାଇଥିବା ଅଭିଯୋଗ ହୋଇଛି। ଖବରପାଇ ଆଠମଲ୍ଲିକ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଖବରଲେଖା ହେବା ସୁଦ୍ଧା ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ।

# ୭ ବିଷୟକୁ ଜଣେ ଶିକ୍ଷୟିତ୍ରୀ



ବଡ଼ଁରପାଳ ବ୍ଲକ ନାଲ୍‌କୋ ଅଞ୍ଚଳରେ ଥିବା କୁଲାଡ଼ ଆଲୁମିନିୟମ ହାଇସ୍କୁଲ।

- ଅବହେଳାର ଶିକାର କୁଲାଡ଼ ଆଲୁମିନିୟମ ହାଇସ୍କୁଲ
- ୯୭ ଛାତ୍ରୀଛାତ୍ରଙ୍କୁ ପଢ଼ାଇବାରେ ହେବ ଅସୁବିଧା
- ପୁରାତନ ଛାତ୍ରୀଛାତ୍ର ଦେଇଛନ୍ତି ରେକର୍ଡ ପରିମାଣର ଅର୍ଥ

**ବଡ଼ଁରପାଳ, ୨।୮ (ଡି.ଏନ.ଏ.)**

୧୯୮୫ରେ ସ୍କୁଲ ସ୍ଥାପନ ବେଳେ ନିଯୁକ୍ତି ପାଇଥିଲେ ୭ ଶିକ୍ଷକ। ହେଲେ ୩୫ ବର୍ଷ ପରେ ନବମ ଓ ଦଶମ ଶ୍ରେଣୀର ୭ ବିଷୟ ପଢ଼ାଇବାକୁ ବିଦ୍ୟାଳୟରେ ଅଛନ୍ତି ମାତ୍ର ଜଣେ ଶିକ୍ଷୟିତ୍ରୀ। ଏପରି ସରକାରୀ ଅବହେଳାର ଶିକାର ହୋଇଛି ଅନୁଗୋଳ ଜିଲା ବଡ଼ଁରପାଳ ବ୍ଲକ ନାଲ୍‌କୋ ଅଞ୍ଚଳରେ ଥିବା କୁଲାଡ଼ ଆଲୁମିନିୟମ ହାଇସ୍କୁଲ।

ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କ ଉଦ୍ୟମରେ ସ୍ଥାପିତ ଏହି ବିଦ୍ୟାଳୟର ପ୍ରଥମେ ନାମ ରଖାଯାଇଥିଲା ଆଲୁମିନିୟମ ସ୍କୁଲ ଅଫ୍ ସାଇନ୍ସ ଟେକ୍ନୋଲୋଜି। ୨ଟି ଶ୍ରେଣୀ ଗୃହ ଓ ୭ ଶିକ୍ଷକଙ୍କ ସହ ଆରମ୍ଭ ହୋଇଥିବା ଏହି ହାଇସ୍କୁଲରେ ସେତେବେଳେ ବୈଷୟିକ ଶିକ୍ଷା ପ୍ରଦାନ କରାଯାଉଥିଲା। ପରବର୍ତ୍ତୀ ଅବସ୍ଥାରେ ନାମ ପରିବର୍ତ୍ତନ ସହ ବୈଷୟିକ ଶିକ୍ଷା ବନ୍ଦ ହୋଇଯାଇଥିଲା। ପ୍ରତିବର୍ଷ ମାଟ୍ରିକ ପରୀକ୍ଷାରେ ଭଲ ସଫଳତା ପାଉଥିବା ଏହି ବିଦ୍ୟାଳୟର ଅନେକ ଛାତ୍ରୀଛାତ୍ର ଏବେ ସମାଜରେ ପ୍ରତିଷ୍ଠା ଲାଭ କରିପାରିଛନ୍ତି। ପୂର୍ବରୁ ଏଠାରେ ୮ ଜଣ ଶିକ୍ଷକ ରହିଥିଲେ। ମାତ୍ର ସେମାନଙ୍କ ମଧ୍ୟରୁ ଜଣ ଜଣ କରି ଚାକିରିରୁ ଅବସର ନେଉଥିବାରୁ ସମସ୍ୟା ସୃଷ୍ଟି ହୋଇଛି। ଗତ ଶୁକ୍ରବାର ୨ ଜଣ ଶିକ୍ଷକଙ୍କ ଅବସର ପରେ ବର୍ତ୍ତମାନ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଜଣେ ବିଜ୍ଞାନ ଶିକ୍ଷୟିତ୍ରୀଙ୍କ ସହ ଜଣେ ଖେଳ ଶିକ୍ଷକ ସ୍କୁଲରେ ଅଛନ୍ତି। ଏହି ବିଦ୍ୟାଳୟରେ ବର୍ତ୍ତମାନ ୯ମ ଓ ୧୦ମ ଶ୍ରେଣୀରେ ୯୭ ଛାତ୍ରୀଛାତ୍ର ଥିବାରୁ ସ୍କୁଲ ଖୋଲିଲେ ଇଂଲିଶ, ଗଣିତ, ବିଜ୍ଞାନ, ସାମାଜିକ ବିଜ୍ଞାନ, ସାହିତ୍ୟ, ସଂସ୍କୃତ ଓ ହିନ୍ଦୀ କିପରି ଜଣେ ମାତ୍ର ଶିକ୍ଷୟିତ୍ରୀ ପଢ଼ାଇବେ ତାହା ଚିନ୍ତାର ବିଷୟ ହୋଇଛି। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ 'ମୋ ସ୍କୁଲ ଅଭିଯାନ'ରେ ପୁରାତନ ଛାତ୍ରୀଛାତ୍ରମାନେ ପ୍ରାୟ ୪ ଲକ୍ଷ ଟଙ୍କା ସ୍କୁଲକୁ ସହାୟତା ଦେଇଛନ୍ତି। ସେହିପରି ସରକାରଙ୍କ ପକ୍ଷରୁ ମଧ୍ୟ ୧୧ ଲକ୍ଷରୁ ଅଧିକ ଟଙ୍କା ବିଦ୍ୟାଳୟର ଉନ୍ନତି ପାଇଁ ପ୍ରଦାନ କରାଯାଇଛି। କିନ୍ତୁ ନୂତନ ଶିକ୍ଷକ ନିଯୁକ୍ତି ଦିଗରେ ସରକାର ଦୃଷ୍ଟି ଦେଉ ନ ଥିବାରୁ ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ ନେଇ ଅଭିଭାବକମାନେ ଚିନ୍ତିତ ହୋଇପଡ଼ିଛନ୍ତି। ଏ ସମ୍ପର୍କରେ ବଡ଼ଁରପାଳ ବ୍ଲକର ଅତିରିକ୍ତ ଶିକ୍ଷା ଅଧିକାରୀ ମନୋରମା ମାଝି କହିଛନ୍ତି, ପୁରାତନ ଛାତ୍ରୀଛାତ୍ରମାନେ ସର୍ବାଧିକ ଅର୍ଥ ଆଦାୟ କରି ଉଦାହରଣ ସୃଷ୍ଟି କରିଛନ୍ତି। ବିଦ୍ୟାଳୟରେ ଶିକ୍ଷକ ଅଭାବ ସମସ୍ୟା ନେଇ ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

### କ'ଣ କୁହନ୍ତି ଏମାନେ



ବହୁ ବାଧାବିଘ୍ନ ଭିତରେ ବିଦ୍ୟାଳୟ ସ୍ଥାପନ ସହ ଏଠାରେ ବୈଷୟିକ ଶିକ୍ଷା ପ୍ରଦାନ କରାଯାଉଥିଲା, ଯାହା ଏବେ ବନ୍ଦ ହୋଇଯାଇଛି। ଏଠାରୁ ପାସ୍ କରିଥିବା ପ୍ରାୟ ୨ ହଜାର ଛାତ୍ରୀଛାତ୍ର ସମାଜରେ ପ୍ରତିଷ୍ଠିତ ହୋଇପାରିଛନ୍ତି। କିନ୍ତୁ ଆବଶ୍ୟକ ଶିକ୍ଷକ ନିଯୁକ୍ତ କରା ନ ଯିବା ଏବେ ସମସ୍ୟା ସୃଷ୍ଟି କରିଛି।

**- ରମେଶ ଚନ୍ଦ୍ର ଜେନା, ବିଦ୍ୟାଳୟ ପ୍ରତିଷ୍ଠାତା ତଥା ପୂର୍ବତନ ବିଧାୟକ**



ମୋ ସ୍କୁଲ ଅଭିଯାନରେ ପୁରାତନ ଛାତ୍ରୀଛାତ୍ରମାନଙ୍କ ସହଯୋଗ ଯୋଗୁ ବିଦ୍ୟାଳୟର ଭଲ ଉନ୍ନତି ହୋଇଛି। କିନ୍ତୁ ଜଣେ ପରେ ଜଣେ ଶିକ୍ଷକ ଅବସର ନେଉଥିବା ବେଳେ ସରକାର ନୂଆ ନିଯୁକ୍ତି ଦେଉ ନ ଥିବା ଚିନ୍ତାର ବିଷୟ ହୋଇଛି।

**- ମିନତି ନନ୍ଦ, ପ୍ରଧାନ ଶିକ୍ଷୟିତ୍ରୀ**



ପୁରାତନ ଛାତ୍ରୀଛାତ୍ରମାନେ ଦାନ କରିଥିବା ଅର୍ଥରେ ସ୍କୁଲ ଫାଟକ, ପେଣ୍ଡାଲ, ପାଚେରି ନିର୍ମାଣ ସହ ଛାତ୍ରୀଛାତ୍ରଙ୍କ ପାଇଁ ବିଶୁଦ୍ଧପାନୀୟ ଜଳ ବ୍ୟବସ୍ଥା କରାଯାଇପାରିଛି। ଆଗାମୀ ଦିନରେ ଅଧିକ ଅର୍ଥ କିଭଳି ଆଦାୟ ହେବ ସେଥିପାଇଁ ଉଦ୍ୟମ ଜାରି ରହିଛି।

**- ସୁଜିତ ସେଠ, ପୁରାତନ ଛାତ୍ର ସଂସଦ ସଭାପତି**



ସ୍କୁଲର ଉନ୍ନତି ଦିଗରେ ପୁରାତନ ଛାତ୍ରୀଛାତ୍ରମାନେ ଉଦ୍ୟମ ଜାରି ରଖିଛନ୍ତି। ସେମାନେ ଯେତିକି ଅର୍ଥ ଆଦାୟ କରିଛନ୍ତି ବ୍ଲକର ଅନ୍ୟ କୌଣସି ସ୍କୁଲକୁ ସେତିକି ଅର୍ଥ ମିଳିପାରି ନାହିଁ। ଏହି ସ୍କୁଲର ସମସ୍ୟା ସମାଧାନ ଦିଗରେ ସରକାର ଦୃଷ୍ଟିଦେବା ଆବଶ୍ୟକ।

**- ଜିତେନ୍ଦ୍ର ଜେନା, ପୁରାତନ ଛାତ୍ର ସଂସଦ ସମ୍ପାଦକ**

## ପଣ୍ଡିଚେରୀରୁ ଆସିଲା ସିଲୁଆଙ୍କ ମୃତଦେହ

- ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିଲା
- ପରିବାର ଆଣିଥିଲେ ହତ୍ୟା ଅଭିଯୋଗ

**ଢେଙ୍କାନାଳ ଅଫିସ, ୨।୮**

ଢେଙ୍କାନାଳ ଜିଲା ନିହଲପ୍ରସାଦ ଥାନା କାଶୀପୁର ପଞ୍ଚାୟତ ଅଧୀନ ଲହଡ଼ା ନିବାସୀ ସିଲୁଆ ମଲ୍ଲିକ ଓରଫ୍ କୁଲୁଆଙ୍କ ମୃତଦେହ ରବିବାର ପଣ୍ଡିଚେରୀରୁ ଆସି ପହଞ୍ଚିଛି। ସିଲୁଆଙ୍କ ମୃତ୍ୟୁ ବିଦ୍ୟୁତ୍ ଆଘାତରେ ହୋଇଥିବା ସେଠାକାର ପ୍ରଶାସନ କହୁଥିବାବେଳେ ପରିବାର ଲୋକେ ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ କାଶୀପୁର ସରପଞ୍ଚ ଦେବେନ୍ଦ୍ର କୁମାର ଆଏଚ୍‌ଙ୍କ ସହାୟତାରେ ସେମାନେ ଜୁଲାଇ ୨୯ରେ ନିହଲପ୍ରସାଦ ଥାନାରେ ଏତଲା ଦେବା ସହ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଥାନା ପକ୍ଷରୁ ପଣ୍ଡିଚେରୀ ପୋଲିସ ସହ ଯୋଗାଯୋଗ କରିବାପରେ ବିଦ୍ୟୁତ୍ ଆଘାତରେ ସିଲୁଆଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା। ସେଠାରେ ମୃତଦେହ ବ୍ୟବଚ୍ଛେଦ କରାଯିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିଲା। ପ୍ରଶାସନ ଏବଂ ପୋଲିସ ସହାୟତାରେ ମରଶରୀର ଗ୍ରାମରେ ପହଞ୍ଚିଥିବା ଥାନାଧିକାରୀ ମହେନ୍ଦ୍ର ଦେହୁରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ସିଲୁଆ ୯ବର୍ଷ ହେଲା ପଣ୍ଡିଚେରୀସ୍ଥିତ ଏକ କମ୍ପାନୀରେ କାର୍ଯ୍ୟରତ ଥିଲେ। ଗ୍ରାମରେ ମୃତଦେହ ପହଞ୍ଚିବା ପରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଥିଲା।

## ୪୮ ଘଣ୍ଟା ମଧ୍ୟରେ ରିପୋର୍ଟ ମାଗିଲେ ସ୍ୱାସ୍ଥ୍ୟମନ୍ତ୍ରୀ



Naba Kisore Das @nabadasjsg · 46m
Cdmo Angul has been instructed to enquire the incident and submit action taken report within 48 hours for further action

ଟୁଇଟ ଯୋଗେ ସ୍ୱାସ୍ଥ୍ୟମନ୍ତ୍ରୀ ଦେଇଥିବା ନିର୍ଦ୍ଦେଶ।

**ଚିକିତ୍ସା ନ ପାଇ ରୋଗୀ ମୃତ୍ୟୁ ଅଭିଯୋଗ ଘଟଣା**

**ଅନୁଗୋଳ ଅଫିସ, ୨।୮**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଶୁକ୍ରବାର ରାତିରେ ଆସିଥିବା ସମଲ ଅଞ୍ଚଳର ବାଦଲ ଦଳାଇ(୪୬)ଙ୍କ ଚିକିତ୍ସା ଅବହେଳାରୁ ମୃତ୍ୟୁ ଅଭିଯୋଗ ହୋଇଥିଲା। ଘଟଣାର ରିପୋର୍ଟ ୪୮ ଘଣ୍ଟା ମଧ୍ୟରେ ଦେବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ରବିବାର ନିର୍ଦ୍ଦେଶ ଦେଇଛନ୍ତି। ଚିକିତ୍ସା ନ ପାଇ ରୋଗୀ ମୃତ୍ୟୁ ସମ୍ପର୍କରେ ରବିବାର 'ଧରିତ୍ରୀ'ରେ ପ୍ରକାଶିତ ରିପୋର୍ଟକୁ ଅନୁଗୋଳର ବୁଦ୍ଧିଜୀବୀମାନେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରିବା ପରେ ଏହି ନିର୍ଦ୍ଦେଶ ଆସିଛି। ଅପରପକ୍ଷରେ ଖବର ପ୍ରକାଶ ପରେ ଅନୁଗୋଳ ସିଡିଏମ୍‌ଓ ଅଭୟ କୁମାର ଦାଶ ଘଟଣାର ଖୋଳତାଡ କରିଛନ୍ତି। ସେ କହିଛନ୍ତି, ରୋଗୀଙ୍କ ପୂର୍ବ ଚିଠାରୁ ହାର୍ଟରେ ସମସ୍ୟା ଥିବା ଜଣାପଡ଼ିଥିଲା। ଫଳରେ ଇସିଜି କରାଯାଇଥିଲା। ତାଙ୍କୁ ମେଡିସିନ୍ ୱାର୍ଡକୁ ସ୍ଥାନାନ୍ତର କରାଯିବା କଥା। କିନ୍ତୁ ଶ୍ୱାସକ୍ରିୟାରେ ରୋଗୀ ଅଧିକ କଷ୍ଟ ଅନୁଭବ କରୁଥିବାରୁ କାଜୁଆଲଟିରେ ଥିବା ଡାକ୍ତର ସନ୍ଦେହରେ କରୋନା ଆଇସୋଲେସନ୍ ୱାର୍ଡକୁ ପଠାଇ ଦେଇଥିଲେ। ସେଠାରେ ରୋଗୀଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଯାଇଥିଲା। ପୁରୁଣା ଚିଠା ଦେଖିଥିବା ଡାକ୍ତର ଏପରି କରିବାର ନ ଥିଲା ବୋଲି ସିଡିଏମ୍‌ଓ ପ୍ରକାଶ କରିଛନ୍ତି।

## ରାମଚଣ୍ଡୀଙ୍କ ଯାତ୍ରା ବନ୍ଦ

**ଛେଣ୍ଡିପଦା, ୨।୮ (ସ୍ୱ.ପ୍ର.):** ଚଳିତ ବର୍ଷ ଛେଣ୍ଡିପଦା ବ୍ଲକ କୋଶଳାର ଅଧିଷ୍ଠାତ୍ରୀ ଦେବୀ ମା' ରାମଚଣ୍ଡୀ ଠାକୁରାଣୀଙ୍କ ବାର୍ଷିକ ପୂଜା ଅନୁଷ୍ଠିତ ହେବ ନାହିଁ ବୋଲି ନିଷ୍ପତ୍ତି ହୋଇଛି। ଆସନ୍ତା ବୁଧବାର ଏହି ପୂଜା ହେବାକୁ ଥିବାବେଳେ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଯାତ୍ର ବନ୍ଦ କରିବାକୁ ଏକ ପ୍ରସ୍ତୁତି ବୈଠକରେ ସ୍ଥିର କରାଯାଇଛି। କୌଣସି ଦୋକାନ ବଜାର, ଜନସାଧାରଣଙ୍କ ସମାଗମକୁ ବାରଣ କରାଯାଇଥିବା ଟ୍ରଷ୍ଟ ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ବୈଠକରେ ଗ୍ରାମ ସଭାପତି ବ୍ରଜକିଶୋର ସାହୁ, ଛେଣ୍ଡିପଦା ଥାନା ଅଧିକାରୀ ଜ୍ଞାନ ରଞ୍ଜନ ସାମଲ, ଟ୍ରଷ୍ଟ ବୋର୍ଡର ସମ୍ପାଦକ ସନ୍ତୋଷ କୁମାର ସାହୁ, ଗ୍ରାମ ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଫଟୋରେ ଖବର



ଅନୁଗୋଳ ସହରସ୍ଥିତ ଚଣ୍ଡୀବଜାର କୁମଣ୍ଡଠାରେ ଜଣେ ଶ୍ରମିକ ରେଳଧାରଣା ନିରୀକ୍ଷଣ କରୁଛନ୍ତି। (ଫଟୋ- ବୁଢୁ)

## ୧୩ ଆକ୍ରାନ୍ତ, ୫ ସୁସ୍ଥ

- କାମାକ୍ଷାନଗର ଏନ୍‌ଏସି ୩ଦିନ ପାଇଁ ଶଟ୍‌ଡାଉନ
- ଓଡ଼ାପଡ଼ା ବ୍ଲକର ୫ ପଞ୍ଚାୟତ କଣ୍ଟେନ୍‌ମେଣ୍ଟ ଜୋନ୍

**ଢେଙ୍କାନାଳ ଅଫିସ, ୨।୮**

ଢେଙ୍କାନାଳ ଜିଲାରେ ରବିବାର ୧୩ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୩୫୬ରେ ପହଞ୍ଚିଛି। ୨ଜଣ ସଙ୍ଗରୋଧ କେନ୍ଦ୍ରରୁ ଓ ୧୧ ଜଣ ଜିଲା ଚିକିତ୍ସାଳୟରେ ଆଣ୍ଟିଜେନ ଟେଷ୍ଟ ଦ୍ୱାରା ଚିହ୍ନଟ ହୋଇଛନ୍ତି। ସେହିପରି ୫ଜଣ ସୁସ୍ଥ ହେବା ପରେ ଆରୋଗ୍ୟଙ୍କ ସଂଖ୍ୟା ୧୪୭ ହୋଇଛି। ସମସ୍ତଙ୍କୁ ଜିଲା କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟପଟେ କାମାକ୍ଷାନଗର ଏନ୍‌ଏସିରୁ ଦୁଇଦିନ ମଧ୍ୟରେ ୭ଜଣ ପଜିଟିଭ୍ ବାହାରିଥିବାରୁ ଏନ୍‌ଏସିକୁ ୩ରୁ ୫ ତାରିଖ ଯାଏ ଶଟ୍‌ଡାଉନ୍ ଘୋଷଣା କରାଯାଇଛି। ସେହିପରି ଗତ ୩୧ ତାରିଖରେ ଓଡ଼ାପଡ଼ା ବ୍ଲକରୁ ୩୩ ଚିହ୍ନଟ ହୋଇଥିବାରୁ ୨ରୁ ୭ ତାରିଖ ଯାଏ ନାଧରା, ବଳରାମପ୍ରସାଦ, ବାଙ୍କୁରସିଂହ, ଓଡ଼ାପଡ଼ା ଏବଂ ନୟାଭାଗୀରଥିପୁର ପଞ୍ଚାୟତକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି।

## ଆତ୍ମହତ୍ୟା ଧମକ ଦେଇ କରୁଥିଲେ ବ୍ଲାକମେଲିଂ

**ଗେଷ୍ଟହାଉସ୍‌ରେ ଅନୈତିକ କାର୍ଯ୍ୟ ମାମଲା**

- ବାପପୁଅ ଗିରଫ, ଗେଷ୍ଟହାଉସ୍ ସିଲ୍
- ମୋବାଇଲ, କମ୍ପ୍ୟୁଟର, ଚିଠି ଜବତ

**ଢେଙ୍କାନାଳ ଅଫିସ, ୨।୮**

ଢେଙ୍କାନାଳ ପୌରାଞ୍ଚଳର ୧୫ନଂ. ୱାର୍ଡରେ ଥିବା ଏକ ଗେଷ୍ଟହାଉସ୍‌ରେ ଅନୈତିକ କାର୍ଯ୍ୟ ହେଉଥିବା ମାମଲାରେ ପୋଲିସକୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ବାହାରୁ ଯୁବତୀଙ୍କୁ ଆଣି ଗେଷ୍ଟହାଉସ୍‌ରେ ରଖି ଦେହ ବ୍ୟବସାୟ କରାଯାଉଥିଲା। ଗେଷ୍ଟ ହାଉସ୍ ମାଲିକଙ୍କ ପୁଅ ଜଣେ ନାବାଳିକାଙ୍କୁ ପ୍ରେମ ନିବେଦନ କରି ବ୍ଲାକମେଲିଂ କରୁଥିଲେ। ଖୋଳତାଡ଼ରୁ ଏପରି ସଙ୍ଗିନ ତଥ୍ୟ ପଦାକୁ ଆସିବା ପରେ ଗେଷ୍ଟହାଉସ୍ ମାଲିକ ବିଶ୍ୱଜିତ ମିଶ୍ର ଓରଫ ଢେଗା (୫୫) ଏବଂ ତାଙ୍କ ପୁଅ ନିଶାନ୍ତ ମିଶ୍ର (୨୦)ଙ୍କୁ ରବିବାର ପୋଲିସ ଗିରଫ କରିଛି। ଗେଷ୍ଟହାଉସକୁ ସିଲ୍ କରାଯାଇଛି। ଘଟଣାସ୍ଥଳରୁ ମୋବାଇଲ, କମ୍ପ୍ୟୁଟର ଏବଂ ଏକ ଚିଠି ଜବତ କରାଯାଇଛି। ଉକ୍ତ ଚିଠି ନାବାଳିକାଙ୍କ ଉଦ୍ଦେଶ୍ୟରେ ଲେଖାଯାଇଥିଲା। ପ୍ରେମ ନ କଲେ ଆତ୍ମହତ୍ୟା କରିବେ ବୋଲି ଅଭିଯୁକ୍ତ ଯୁବକ ଜଣକ ଏଥିରେ ଉଲ୍ଲେଖ କରିଥିବା ପୋଲିସ କହିଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସହରର ଜଣେ ନାବାଳିକାଙ୍କୁ ନିଶାନ୍ତ ପ୍ରେମ ନିବେଦନ କରିବା ସହ ତାଙ୍କ ଅଶ୍ଳୀଳ ଫଟୋକୁ ସୋସିଆଲ ମିଡିଆରେ ପ୍ରଘଟ କରିଦେବେ ବୋଲି ଧମକ ଦେଉଥିଲେ। ପ୍ରେମ ନ କଲେ ଆତ୍ମହତ୍ୟା କରିବେ ବୋଲି ନାବାଳିକା ଉଦ୍ଦେଶ୍ୟରେ ଏକ ନୋଟ୍ ଲେଖିଥିଲେ। ଏ ନେଇ ନାବାଳିକାଙ୍କ ପରିବାର ଟାଉନ୍ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏ ସଂକ୍ରାନ୍ତରେ ନଂ. ୩୧୬/୨୦, ଦଫା-୩୪୧, ୨୯୪, ୫୦୬, ୩୫୪ (ଏ), ୩୫୪(ସି) ଓ ୩୪ ଆଇପିସି, ୧୨ ଏବଂ ୧୫ ପୋକ୍‌ସୋ ଆକ୍ଟ ଓ ୬୭ (ଏ)(ବି) ଆଇଟି ଆକ୍ଟରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ ବାପା ଏବଂ ପୁଅଙ୍କୁ ଗିରଫ କରାଯାଇଥିବା ଥାନାଧିକାରୀ ନମିତା ନାୟକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗେଷ୍ଟହାଉସ୍‌ରେ ଅନୈତିକ କାର୍ଯ୍ୟ ଚାଲୁଥିବା ସୂଚନା ପାଇବା ପରେ ପୋଲିସ ଶନିବାର ରାତିରେ ଚଢ଼ାଉ କରିଥିଲା। ସେଠାରୁ ଜଣେ ଯୁବତୀଙ୍କୁ ଉଦ୍ଧାର କରି ଥାନାରେ ଅଟକ ରଖି ପଚରାଉଚୁରା କରାଯାଇଥିଲା। ଏହି ଘଟଣାକୁ ନେଇ ନଂ. ୩୧୮/୨୦, ଦଫା ୪ ଓ ୫ ଇମୋରାଲ ଟ୍ରାଫିକିଂ ଆକ୍ଟରେ ଅନ୍ୟ ଏକ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

# ସକାଳ ୭ରୁ ୨ଟା ଯାଏ ବ୍ୟବସାୟ

- ସରକାରୀ ନିର୍ଦ୍ଦେଶନାମା ଜଣାଇଲା ପ୍ରଶାସନ
- ଉଲ୍ଲଂଘନ ହେଲେ ଅଧିକ ଜରିମାନା ଆଦାୟ
- ଶଟ୍‌ଡାଉନ୍ ସମ୍ପର୍କିତ ସୂଚନା ପରେ ଦିଆଯିବ

**ଅନୁଗୋଳ ଅଫିସ୍, ୨।୮**

ସଂକ୍ରମଣ ରୋକିବାକୁ ସରକାରଙ୍କ ନିର୍ଦ୍ଦେଶନାମା ନେଇ ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜାରି କରାଯାଇଛି। ଏଥିରେ ସରକାରୀ ନିର୍ଦ୍ଦେଶର ଅନୁପାଳନ କରିବାକୁ ଜିଲାବାସୀଙ୍କୁ ସେ ଅନୁରୋଧ କରିଛନ୍ତି। ଜିଲାରେ ସକାଳ ୭ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଦୋକାନ ବଜାର ଖୋଲା ରହିବ। ଏଥିରେ ଖିଲାପ କଲେ ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ପ୍ରତି ସପ୍ତାହର ଶନିବାର ଓ ରବିବାର ଜିଲାକୁ ଶଟ୍‌ଡାଉନ୍ ଘୋଷଣା କରାଯିବ କି ନାହିଁ ସେ ନେଇ ଆଗାମୀ ଦିନରେ ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।



ଏହି ନୂଆ ନିର୍ଦ୍ଦେଶନାମାରେ ପୂର୍ବପରି ସିନେମା ହଲ୍, ସୁଇମିଂ ପୁଲ୍, ପାର୍କ, ଥିଏଟର, ବାର୍ ଆଦି ବନ୍ଦ ରହିବ। ସାମାଜିକ, ରାଜନୈତିକ, କ୍ରୀଡ଼ା, ମନୋରଞ୍ଜନ, ପାଠ୍ୟ ସମ୍ବନ୍ଧୀୟ, ସାଂସ୍କୃତିକ, ଧାର୍ମିକ ସମାବେଶ ଉପରେ କଟକଣା ବଳବତ୍ତର ରଖାଯାଇଛି। ସମସ୍ତ ସ୍କୁଲ, କଲେଜ, ଅଙ୍ଗନୱାଡ଼ି, ପ୍ରଶିକ୍ଷଣ ଓ କୋଚିଙ୍ଗ ସେଣ୍ଟର୍ ୩୧ ଅଗଷ୍ଟ ପର୍ଯ୍ୟନ୍ତ ବନ୍ଦ ରହିବ। ତେବେ ଯୋଗ ଅନୁଷ୍ଠାନ/କେନ୍ଦ୍ର ଓ ଜିମ୍ ୫ ଅଗଷ୍ଟରୁ ଦିଆଯାଇଥିବା ଗାଇଡ୍‌ଲାଇନ ମାନି ଚାଲୁ ହୋଇପାରିବ। ହୋଟେଲ, ରେଷ୍ଟୁରାଣ୍ଟ ଓ ଢାବାଗୁଡ଼ିକ ପୂର୍ବଭଳି ପାର୍ସଲ ଖାଦ୍ୟକୁ ହୋମ୍ ଡେଲିଭରି କରିପାରିବେ। ଜିଲା ଭିତରେ ଓ ରାଜ୍ୟ ମଧ୍ୟରେ ଗାଡ଼ି ଚଳାଚଳ କରିପାରିବ। ବ୍ୟବସାୟିକ ପ୍ରତିଷ୍ଠାନରେ ସାମାଜିକ ଦୂରତ୍ୱ ଉଲ୍ଲଂଘନ ହେଲେ ୧୦ ହଜାର ଟଙ୍କା ଜରିମାନା ସହ ୧ ସପ୍ତାହ ପାଇଁ ସିଲ୍ କରାଯିବ। ମାସ୍କ ନ ପିନ୍ଧି ପଦାକୁ ବାହାରିଲେ ପ୍ରଥମ ଥର ପାଇଁ ୧ ହଜାର ଓ ପରବର୍ତ୍ତୀ ପ୍ରତ୍ୟେକ ଥର ପାଇଁ ୫ ହଜାର ଟଙ୍କା ଲେଖାଏ ଆଦାୟ କରାଯିବ। ରାଜ୍ୟ ବାହାରୁ ଆସୁଥିବା କୌଣସି ବ୍ୟକ୍ତି ୭୨ ଘଣ୍ଟା ମଧ୍ୟରେ ପ୍ରତ୍ୟାବର୍ତ୍ତନ କରୁଥିଲେ କ୍ୱାରାଣ୍ଟାଇନ୍‌ରେ ରହିବେ ନାହିଁ।

### ଆଉ ୬ ପଜିଟିଭ୍

ଅନୁଗୋଳ ଜିଲାରୁ ରବିବାର ୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ତାଳଚେର ବ୍ଲକ ଅଞ୍ଚଳରୁ ସର୍ବାଧିକ ୫ ଜଣ ଓ ଜଣେ ଅନୁଗୋଳ ପୌରାଞ୍ଚଳରୁ ରହିଛନ୍ତି। ଏହି ୬ ଜଣଙ୍କୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୩୪୫ରେ ପହଞ୍ଚିଛି। ଏହି ୬ ଜଣଙ୍କୁ ଚିକିତ୍ସା ପାଇଁ ତାଳଚେର କୋଭିଡ୍ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି।

SYNERGY
GROUP OF INSTITUTIONS
Bhubaneswar & Dhenkanal, Odisha
Since 1999
Celebrating 21 Glorious Years
AICTE Approved • BPUT Affiliated • NBA & NAAC Accredited
ENGINEERING ADMISSION - 2020 FOR
B.Tech.
• Mechanical • Civil • Computer Science
• Electrical • Electronics & Telecom. Engg.
GOVT. APPROVED COURSE FEES
SCHOLARSHIP of 1 crore rupees
for the Meritorious/SC/ST/OBC students on FIRST COME FIRST SERVE basis.
Several students are entering into ICS, IES & OAS
proves its quality PLACEMENT RECORD
For Admission Details & Other informations contact :
Mob - 9937320472, 9437578074, 9437177467, 9437962819, 9348509543
For Online Registration visit :http://www.synergyinstitute.net

## ସଂକ୍ଷେପରେ

### ହାଇ ଟେନଶନ ଟାୱାରରୁ ଝୁଲନ୍ତା ମୃତଦେହ ଉଦ୍ଧାର

ବଡ଼ବିଲ,୨।୮(ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ଏନ୍ଏଚ୍ କଡ଼ରେ ଥିବା ହାଇ ଟେନଶନ ଟାୱାରରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ପୋଲିସ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ରବିବାର ମଧାହ୍ନରେ ବଡ଼ବିଲ ଥାନା ରୋଇଡା ଛକ ନିକଟ ୫୨୦ ଜାତୀୟ ରାଜପଥ କଡ଼ରେ ଥିବା ଏକ ହାଇ ଟେନଶନ ଟାୱାରରେ ଜଣେ ଯୁବକଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ଏ ନେଇ ସ୍ଥାନୀୟ ଲୋକେ ଥାନାକୁ ଖବର ଦେଇଥିଲେ। ଖବରପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିବାବେଳେ ମୃତକଙ୍କ ପରିଚୟ ମିଳିପାରିନାହିଁ। ମୃତକ ଜଣକ କୌଣସି ଭାରିଯାନର ଚାଳକ କିମ୍ବା ହେଲପର୍ ବୋଲି ଅନୁମାନ କରାଯାଇଛି। ଟାୱାରର ନିମ୍ନ ଭାଗରେ ଏକ ଦଉଡ଼ିରେ ମୃତଦେହ ଝୁଲୁଥିବା ପୋଲିସ ଦେଖିବାକୁ ପାଇଥିଲା।

### ପୋଡ଼ି ହୋଇ ମହିଳା ଗୁରୁତର

ବାସୁଦେବପୁର,୨।୮(ଡି.ଏନ୍.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ପଡ଼ୁଁଆ ଗ୍ରାମରେ ଶନିବାର ସନ୍ଧ୍ୟାରେ ଜଣେ ମହିଳା ନିଆଁରେ ପୋଡ଼ି ହୋଇ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଅଜୟ ମଳିକଙ୍କ ସ୍ତ୍ରୀ ରଞ୍ଜୁ। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ବାସୁଦେବପୁର ଡାକ୍ତରଖାନା ଓ ପରେ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ପ୍ରକାଶ ଯେ, ଅଧିକ ଯୌତୁକ ପାଇଁ ଶାଶୁଘର ଲୋକେ ରଞ୍ଜୁଙ୍କୁ କିରୋସିନ ଢାଳି ନିଆଁ ଲଗାଇ ମାରିଦେବାକୁ ଉଦ୍ୟମ କରିଛନ୍ତି ବୋଲି ତାଙ୍କ ପିତା ଉଛ ମଳିକ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ ଦେଇଛନ୍ତି। ଏନେଇ ଏକ ମାମଲା(ନଂ.୧୯୨/୨୦) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି।

### ଆଇଆର୍‌ବି ଡେପୁଟି ସୁବେଦାରଙ୍କ ମୃତ୍ୟୁ

ଭଦ୍ରକ ଅଫିସ, ୨।୮: ଡ୍ୟୁଟି ପାଇଁ ଆସିଥିବା ଆଇଆର୍‌ବି ୩ ବାଟାଲିୟନର ଜଣେ ଡେପୁଟି ସୁବେଦାରଙ୍କ ରବିବାର ମୃତ୍ୟୁ ଘଟିଛି। ସେ ହେଲେ ପ୍ରଭାକର ପରିଡ଼ା। ତାଙ୍କ ଘର କଟକ ଜିଲା ଆଠଗଡ଼ ତିଗିରିଆ ଅଞ୍ଚଳରେ ବୋଲି ସୂଚନା ମିଳିଛି। ଇଦ-ଉଜ୍-ଜୁହାରେ ଡ୍ୟୁଟି ପାଇଁ ୨ ଦିନ ହେଲା ସେ ଭଦ୍ରକ ଆସିଥିଲେ। ସକାଳୁ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ସାଥି କର୍ମଚାରୀମାନେ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ମେଡ଼ିସିନ ୱାର୍ଡରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଖବରପାଇ ଏସ୍‌ପି ରାଜେଶ ପଣ୍ଡିତ ମେଡିକାଲ ଯାଇ ଡାକ୍ତରଙ୍କ ସହ ଆଲୋଚନା କରିଛନ୍ତି ଓ ମୃତ ପରିଡ଼ାଙ୍କ ସ୍ୱାବ୍ ଟେଷ୍ଟ କରାଯିବ ବୋଲି କହିଛନ୍ତି।

### ନବବିବାହିତାଙ୍କ ଆତ୍ମହତ୍ୟା ଉଦ୍ୟମ

ସୋର, ୨।୮(ଡି.ଏନ.ଏ.): ବାଲେଶ୍ୱର ଜିଲା ସୋର ଥାନା ଅଞ୍ଚଳର ଜଣେ ନବବିବାହିତା ରବିବାର ଦେହରେ କିରୋସିନ ଢାଳି ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତରିତ କରାଯାଇଛି। ଦେଢ଼ମାସ ହେଲା ପ୍ରେମ ବିବାହ କରିଥିବା ସମ୍ପୃକ୍ତ ମହିଳା ଘରେ କେହି ନ ଥିବା ବେଳେ ଏପରି କାଣ୍ଡ ଘଟାଇଥିଲେ।

# ରାତି ୭ରୁ ସକାଳ ୫ କର୍ଫ୍ୟୁ

ଭଦ୍ରକ ଅଫିସ,୨।୮

- ସନ୍ଧ୍ୟା ୬ଟା ଯାଏ ଖୋଲିବ ଦୋକାନ
- ଚିହ୍ନଟ ହେଲେ ୨୫ ନୂଆ ଆକ୍ରାନ୍ତ

ଅଗଷ୍ଟ ୧ ତାରିଖଠାରୁ ଅନ୍‌ଲକ୍-୩ ଆରମ୍ଭ ହୋଇଛି। ଏଥିରେ ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ କେତେକ କଟକଣାକୁ କୋହଳ କରାଯାଇଥିବା ବେଳେ ଆଉ କେତେକ କଟକଣା ଅନ୍‌ଲକ-୨ ଭଳି ବଳବତ୍ତର ରହିଛି। ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ସମଗ୍ର ଜିଲାକୁ ଲକ୍ ଡାଉନ ଘୋଷଣା କରିଛନ୍ତି। ପ୍ରତି ସପ୍ତାହର ଶନିବାର ଓ ରବିବାର ଶଟ୍ ଡାଉନକୁ ବଳବତ୍ତର ରଖାଯାଇଛି। ରାତ୍ରିକାଳୀନ କର୍ଫ୍ୟୁ ରାତି ୭ରୁ ସକାଳ ୫ ପର୍ଯ୍ୟନ୍ତ ଜାରି ରହିବ। ଲକ୍ ଡାଉନ ବେଳେ ସୋମବାରରୁ ଶୁକ୍ରବାର ଦୋକାନ ବଜାର, ସରକାରୀ ବେସରକାରୀ ସଂସ୍ଥା ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଲା ରହିପାରିବ। ଏହା ବ୍ୟତୀତ ପୂର୍ବରୁ କଣ୍ଟେନ୍‌ମେଣ୍ଟ ଜୋନ ଗୁଡିକ ପାଇଁ ଯେଉଁ କଟକଣା ରହିଥିଲା ଅଗଷ୍ଟ ମାସରେ ତାହା ବଳବତ୍ତର ରହିବ। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ମାସ୍କ ପିନ୍ଧୁ ନ ଥିବା ଲୋକଙ୍କଠାରୁ ପ୍ରଥମ ଥର ପାଇଁ ୧ ହଜାର ଓ ପରେ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ ହେବ। ଦୋକାନୀମାନେ ସେମାନଙ୍କ ଦୋକାନରେ ସାମାଜିକ ଦୂରତ୍ୱ ରକ୍ଷା କରିବା ବାଧ୍ୟତା ମୂଳକ। ରେଷ୍ଟୁରାଣ୍ଟମାନଙ୍କରେ ୫୦ ପ୍ରତିଶତ ଆସନ ସଂଖ୍ୟାରେ ଲୋକଙ୍କୁ ଖାଇବାକୁ ଦିଆଯାଇ ପାରିବ ବୋଲି ନିର୍ଦ୍ଦେଶନାମା ଜାରି ହୋଇଛି। ଏହା ବ୍ୟତୀତ ଲକ୍ ଡାଉନ ଓ ଶଟ୍ ଡାଉନ ବେଳେ ପେଟ୍ରୋଲ ପମ୍ପ, ରାଜପଥ ପାର୍ଶ୍ୱ ଢାବା, ଟାୟାର ମରାମତି ଦୋକାନ ଖୋଲା ରହି ପାରିବ ବୋଲି କୁହାଯାଇଛି। ଜିଲାର ଦ୍ରୁତ ସଂକ୍ରମଣକୁ ଲକ୍ଷ୍ୟ ରଖି ଜିଲାପାଳ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ରବିବାର ନୂଆ ୨୫ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୬ ଜଣ ସଙ୍ଗରୋଧ କେନ୍ଦ୍ରରୁ ଓ ୧୯ ଜଣ ସ୍ଥାନୀୟ ସଂକ୍ରମଣ ବୋଲି କୁହାଯାଇଛି। ଏହି ନୂଆ ସଂକ୍ରମଣକୁ ମିଶାଇ ଜିଲାରେ ୬୫୨ ଛୁଇଁଛି ଆକ୍ରାନ୍ତଙ୍କ ସଂଖ୍ୟା। ଏମାନଙ୍କ ମଧ୍ୟରୁ ୫୪୯ ସୁସ୍ଥ ହୋଇସାରିଥିବା ବେଳେ ୧୦୧ ଚିକିତ୍ସାଧିନ ଥିବା ଓ ୨ ଜଣ ମୃତ୍ୟୁବରଣ କରିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ୧୯,୧୪୯ ଜଣଙ୍କ ସ୍ୱାବ୍ ପରୀକ୍ଷା କରାଯାଇଥିବା ସୂଚନା ମିଳିଛି।

# ଖଟିଆରେ ବୁହାହେଲେ ରୋଗୀ

ଚମ୍ପୁଆ, ୨।୮(ଡି.ଏନ.ଏ.)

**ପହଞ୍ଚିପାରିଲାନି ଆମ୍ବୁଲାନ୍ସ**

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ବସିରା ଗ୍ରାମର ଚଡୁରୀ ସାହିର ରାସ୍ତାର ଅବସ୍ଥା ଶୋଚନୀୟ ପାଇଁ ଜଣେ ରୋଗୀଙ୍କୁ ଖଟିଆରେ ବୋହି ନିଆଯାଇଛି। ୧୦୮ ଆମ୍ବୁଲାନ୍ସ ଆସିଥିଲେ ମଧ୍ୟ ରୋଗୀଙ୍କ ଘର ପର୍ଯ୍ୟନ୍ତ ପହଞ୍ଚି ପାରି ନ ଥିଲା। ଆଦିବାସୀ ଅଧ୍ୟୁଷିତ ଏହି ଅଞ୍ଚଳରେ ଦୀର୍ଘ ଦିନ ଧରି ରାସ୍ତା ଖରାପ ଥିଲେ ମଧ୍ୟ ପ୍ରଶାସନର ଦୃଷ୍ଟି ଆଜି ପର୍ଯ୍ୟନ୍ତ ପଡିପାରି ନାହିଁ। ସୂଚନା ଅନୁସାରେ ଚଡୁରୀ ସାହିର ଅସୁସ୍ଥ ସୁନାରାମ ମୁଣ୍ଡାଙ୍କୁ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରିବା ପାଇଁ ୧୦୮କୁ କଲ କରାଯାଇଥିଲା। ୧୦୮ କର୍ମଚାରୀମାନେ ଖବର ପାଇ ଚଡୁରୀ ସାହି ଯାଇଥିଲେ। ମାତ୍ର ପ୍ରାୟ ୧ କି.ମି. ଦୂରରୁ ଗାଡି ଆଉ ଆଗକୁ ଯାଇପାରି ନ ଥିଲା। ଶେଷରେ କର୍ମଚାରୀମାନେ ଚାଲି ଚାଲି ସୁନାରାମଙ୍କ ଘରେ ପହଞ୍ଚିଥିଲେ। ସେଠାରେ ଅସୁସ୍ଥ ସୁନାରାମଙ୍କୁ ଏକ ଖଟିଆ ଯୋଗେ କାନ୍ଧେଇ ୧୦୮ ଗାଡି ପାଖକୁ ନେଇଆସିଥିଲେ। ଖଣି ଖାଦାନ ଭରା ଚମ୍ପୁଆ ଉପଖଣ୍ଡ ସାରା ଦେଶରେ ଚର୍ଚ୍ଚିତ ରହିଥିବା ବେଳେ ଦୀର୍ଘ ଦିନରୁ ପଡିରହିଥିବା ଏହି ରାସ୍ତାର ଅବସ୍ଥା ପ୍ରତି ବ୍ଲକ ପ୍ରଶାସନର ଦୃଷ୍ଟି ନ ପଡିବା ଅତ୍ୟନ୍ତ ପରିତାପର ବିଷୟ। ତୁରନ୍ତ ଏହି ରାସ୍ତା ପ୍ରତି ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।




ପକ୍ଷୀଙ୍କ ପାଇଁ କୃତ୍ରିମ ବସା ତିଆରି କରାଯାଉଛି।

# ପକ୍ଷୀଙ୍କ ପାଇଁ ବସା ତିଆରି

କେନ୍ଦୁଝର,୨।୮ (ଡି.ଏନ୍.ଏ)

ପୃଥିବୀରେ ବାସ କରିବାର ଅଧିକାର କେବଳ ମଣିଷର ନୁହେଁ ସମସ୍ତ ଜୀବଙ୍କର ରହିଛି। ନିଜକୁ ସବୁବେଳେ ଶ୍ରେଷ୍ଠ ଭାବେ ଘୋଷଣା କରୁଥିବା ମଣିଷର ନିଜ ଜାଣତରେ ହେଉ ବା ଅଜାଣତରେ ଅନେକ ସରଳ ଜୀବଙ୍କୁ ଶେଷ କରୁଛି ପ୍ରତି କ୍ଷଣରେ। ତେବେ ସଭ୍ୟତାର କ୍ରମବିକାଶ ହେଉ ବା ବିଲୁପ୍ତିର ଧାରାରେ ଏବେ ବହୁ ପକ୍ଷୀଙ୍କ ବସା ଆଉ ଦେଖିବାକୁ ମିଳୁ ନାହିଁ। ତେବେ ଏଭଳି ସମୟରେ କୃତ୍ରିମ ଉପାୟରେ ପକ୍ଷୀଙ୍କ ପାଇଁ ବସା ତିଆରି ଉଦ୍ୟମ ଚାଲିଛି।

ଏଭଳି ଦେଖିବାକୁ ମିଳିଛି କେନ୍ଦୁଝର ଜିଲାର ପାଟଣା ବ୍ଲକରେ। 'ପିକକ' ଅନୁଷ୍ଠାନ ସହଯୋଗରେ ଏହି ପକ୍ଷୀବସା ତିଆରି କରାଯାଉଥିବାବେଳ ପକ୍ଷୀମାନେ ଏହାକୁ ଆଦରି ନେଉଥିବା ମଧ୍ୟ ଦେଖିବାକୁ ମିଳୁଛି। ବ୍ଲକର ଜଡିଚାତର ଗ୍ରାମର କେତେଜଣ ଯୁବକଙ୍କୁ ନେଇ ବିର୍ସା ମୁଣ୍ଡା ଇକୋ ସେଭର ଗ୍ରୁପ୍ ଗଠିତ ହୋଇଛି। ଏହି ଗ୍ରୁପ୍‌ର ସଦସ୍ୟମାନେ ଆଖପାଖ ଅଞ୍ଚଳରେ ପକ୍ଷୀବସା ନିର୍ମାଣ କରୁଛନ୍ତି। ବିଭିନ୍ନ ସ୍ଥାନରୁ କାଠିକୁଟା ସଂଗ୍ରହ କରି ବସା ତିଆରି ହେଉଥିବାବେଳ ସୁରକ୍ଷିତ ସ୍ଥାନରେ ଏହା ଲଗାଯାଉଛି। ପକ୍ଷୀମାନେ ବି ଏଠାକୁ ଆସି ରହୁଥିବା ଦେଖିବାକୁ ମିଳୁଛି। ଗାଁରେ ପକ୍ଷୀମାନେ ଆଉ ଦେଖାଯାଉ ନ ଥିବାବେଳେ ଏବେ ଧୀରେ ଧୀରେ ଏହି ବସା ନିକଟରେ ପକ୍ଷୀଙ୍କ କଳରବ ଶୁଣିବାକୁ ମିଳୁଛି ବୋଲି କୁହନ୍ତି ସତ୍ୟନାରାୟଣ ମହାନ୍ତ। ୨୫ଟି ଗ୍ରାମରେ ଏହି ପକ୍ଷୀବସା ନିର୍ମାଣ ଚାଲିଥିବାବେଳେ ୨୩୫ଟି ବସା ତିଆରି ସରିଛି। ଏହି ଯୁବଗୋଷ୍ଠୀ ପକ୍ଷରୁ ବନୀକରଣ କରାଯାଉଥିବା ମଧ୍ୟ ସେ ପ୍ରକାଶ କରିଛନ୍ତି।

# ରାଖୀ ଦୋକାନରେ ଭିଡ଼, ମାନିଲେନି ସାମାଜିକ ଦୂରତ୍ୱ

ବୈଶିଙ୍ଗା,୨।୮(ଡି.ଏନ୍.ଏ.)

ଗହ୍ମା ପୂର୍ଣ୍ଣମୀ ପାଇଁ ମୟୂରଭଞ୍ଜ ଜିଲା ବୈଶିଙ୍ଗା ଓ ବେତନଟୀ ଅଞ୍ଚଳରେ ଥିବା ରାଖୀ ସମେତ ଅନ୍ୟାନ୍ୟ ଦୋକାନରେ ରବିବାର ପ୍ରବଳ ଭିଡ଼ ଲାଗି ରହିଥିବା ଦେଖିବାକୁ ମିଳିଥିଲା। ବିଶେଷ କରି ଲୁଗା ଦୋକାନ , ରେଡିମେଡ ଡ୍ରେସ, ରେଷ୍ଟୁରାଣ୍ଟ ଓ ରାଖୀ ଦୋକାନରେ ସାମାଜିକ ଦୂରତ୍ୱ ଭୁଲି ଲୋକେ ମାତ୍ରାଧିକ ଭିଡ଼ ଜମାଇଥିଲେ। ଲୋକଙ୍କ ଆଗ୍ରହ ଓ ଉତ୍କଣ୍ଠାକୁ ଲକ୍ଷ୍ୟ କରି କେତେକ ଅସାଧୁ ବ୍ୟବସାୟୀ ଚଢ଼ା ଦରରେ ସାମଗ୍ରୀ ବିକ୍ରି କରିଥିଲେ। କିନ୍ତୁ ସାମାଜିକ ଦୂରତା ରକ୍ଷା ସହ କୋଭିଡ୍ ନିୟମ ଅନୁସାରେ ଦୋକାନଗୁଡ଼ିକରେ ସାନିଟାଇଜ ବ୍ୟବସ୍ଥା କରାଯିବା କଥା। ମାତ୍ର କୌଣସି ସ୍ଥାନରେ ସେଭଳି ବ୍ୟବସ୍ଥା ଥିବା ଦେଖିବାକୁ ମିଳି ନ ଥିଲା। ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ରକ୍ଷାବନ୍ଧନ ଉତ୍ସବ ପାଳନ ନ କରିବା ପାଇଁ ବେତନଟୀ ବ୍ଲକ ସାମ୍ବାଦିକ ସଂଘ ଓ ପଦ୍ମମାଳୀ ମହିଳା ସଂଗଠନ ପକ୍ଷରୁ ଆହ୍ୱାନ ଦିଆଯାଇଛି।

# ନୀଳଗିରି କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସିଲ୍

ସଜନାଗଡ଼,୨।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକରେ ଦିନକୁ ଦିନ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ନୀଳଗିରିରେ ଥିବା ଗୋଷ୍ଠୀ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଜଣେ କାର୍ଯ୍ୟରତ କର୍ମଚାରୀ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ରବିବାର ନୀଳଗିରି ପ୍ରଶାସନ ପକ୍ଷରୁ ନୀଳଗିରି ଜେଲ ରୋଡ ନିକଟରେ ଥିବା ଗୋଷ୍ଠୀ କୃଷି ଅଧିକାରୀ ଓ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟକୁ ନୀଳଗିରି ଅଗ୍ନିଶମ ବିଭାଗ ପକ୍ଷରୁ ବିଶୁଦ୍ଧିକରଣ କରାଯିବା ସହିତ ଉକ୍ତ କାର୍ଯ୍ୟାଳୟକୁ ରବିବାର ଠାରୁ ୭ଦିନ ପର୍ଯ୍ୟନ୍ତ ସିଲ୍ କରାଯାଇଛି ବୋଲି ନୀଳଗିରି ତହସିଲଦାର ଅଶେଷ କୁମାର ନାୟକ ସୂଚନା ଦେଇଛନ୍ତି। ଏଥିସହିତ ଅଫିସ୍‌ର ସମସ୍ତ କର୍ମଚାରୀ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କାର୍ଯ୍ୟକ୍ରମରେ ଏନ୍ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ରତନ ପଟ୍ଟନାୟକ ଉପସ୍ଥିତ ରହି ତଦାରଖ କରୁଥିଲେ।



ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ବିଶୋଧନ କରାଯାଉଛି।

# ଫି' ଦାଖଲ ନୋଟିସ ନେଇ ଛାତ୍ରୀଛାତ୍ର ଅସନ୍ତୁଷ୍ଟ

ବାଲେଶ୍ୱର ଅଫିସ,୨।୮

ମହାମାରୀ କରୋନାରେ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଏବଂ ରାଜ୍ୟ ତଥା ଦେଶର ସମସ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପରୀକ୍ଷା ବାତିଲ୍ ହେବା ସହ ଛାତ୍ରୀଛାତ୍ରଙ୍କ ପାଠପଢା ବ୍ୟାହତ ହୋଇଛି। ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଭିନ୍ନ ଫି' ଦାବି କରାଯାଉଛି। ଏହାର ପ୍ରତିବାଦ କରି ଫକୀରମୋହନ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଫି' ଛାଡ କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଥିଲେ। ଏଥିରେ କୌଣସି ସୁଫଳ ମିଳିନାହିଁ। ପୁନଃ ଦାଖଲ ପାଇଁ ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ନୋଟିସ୍ ଜାରି କରାଯାଇଛି। ବସ୍ ଚଳାଚଳ, ପାଠାଗାର ବନ୍ଦ ଥିବା ବେଳେ ଅନଲାଇନ୍ କ୍ଲାସ ଫି' ଦେବା ପାଇଁ ନୋଟିସ୍ ବାହାରିଛି। ଏହାକୁ ନେଇ ବିଭିନ୍ନ ବିଭାଗର ଛାତ୍ରୀଛାତ୍ରମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପିଜି କାଉନ୍‌ସିଲର ଚେୟାରମ୍ୟାନ୍ ସଚ୍ଚିଦାନନ୍ଦ ଦେହୁରୀ କହିଛନ୍ତି, ଛାତ୍ରୀଛାତ୍ରଙ୍କ ସ୍ୱାର୍ଥକୁ ରକ୍ଷା କରାଯାଇ ସମସ୍ତ ପଦକ୍ଷେପ ଗ୍ରହଣ କରିବା ସହ ଡିଜିଟାଲ ପ୍ଲାଟଫର୍ମରେ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଯିବାର ନୂତନ ଜ୍ଞାନକୌଶଳ ଡେଭେଲପ୍ କରାଯାଇଛି। ସମସ୍ତ ଫି' ପୈଠ କରିବାର ଅବଧି ସେପ୍ଟେମ୍ବର ପର୍ଯ୍ୟନ୍ତ ବୃଦ୍ଧି କରାଯିବା ସହ ୫୦% ପରୀକ୍ଷା ଫି' ହ୍ରାସ କରାଯାଇଛି। ପରୀକ୍ଷା ଫଳାଫଳ ପ୍ରସ୍ତୁତ କରିବାର ସମସ୍ତ ଖର୍ଚ୍ଚ ପାଇଁ ପରୀକ୍ଷା ଫି' ଧାର୍ଯ୍ୟ କରାଯାଇଥିବା କହିଛନ୍ତି।

# କାଠ ବୋଝେଇ ପିକ୍‌ଅପ୍ ଜବତ: ଡ୍ରାଇଭର ଫେରାର

ସଜନାଗଡ଼, ୨।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ଫରେଷ୍ଟ ରେଞ୍ଜ ଅଧୀନ ୧୯ନଂ. ରାଜ୍ୟ ରାଜପଥ ଆମ୍ବୁଡ଼ିହାଠାରେ ଏକ ପିକଅପ୍‌ରେ କୌଣସି ଏକ ମିଲ୍‌ରୁ ସେଣ୍ଟ୍ରିଂ ଆମ୍ବକାଠ ବୋଝେଇ ହୋଇ ନୀଳଗିରି ଅଭିମୁଖେ ଆସୁଥିଲା। ପିକଅପ୍ ଖରାପ ହୋଇଯିବାରୁ ଗାଡ଼ିକୁ ରାସ୍ତା ପାର୍ଶ୍ୱରେ ଠିଆ କରାଇ ମରାମତି କରାଯାଉଥିବା ବେଳେ ନୀଳଗିରି ବନବିଭାଗ ଚଢ଼ାଉ କରିଥିଲା। ପିକଅପ୍ (ନଂ. ଓଆର୍‌୦୧ଏ-୯୦୯୫)କୁ ଜବତ କରି ଜାମୁଡ଼ିହା ଫରେଷ୍ଟ ନର୍ସରୀରେ ରଖାଯାଇଥିଲା। ଜବତ କାଠର ଆନୁମାନିକ ମୂଲ୍ୟ ୨୫ହଜାର ଟଙ୍କା ହେବ ବୋଲି ସୂଚନା ମିଳିଛି।

# ୬୧%ରୁ କମ୍ ବର୍ଷା: କ୍ଷେତ ଫାଟି ଆଁ

ପାଟଣା,୨।୮ (ସ୍ୱ.ପ୍ର.)



କେନ୍ଦୁଝର ଜିଲାର ୮୦ ପ୍ରତିଶତ ଅଧିବାସୀ ମୁଖ୍ୟତଃ କୃଷି ଉପରେ ନିର୍ଭର କରି ନିଜର ଗୁଜୁରାଣ ମେଣ୍ଟାଇଥାନ୍ତି। ଚଳିତ ବର୍ଷ କରୋନା ଯୋଗୁ ସବୁ କାମଧନ୍ଦା ମାନ୍ଦା ପଡ଼ିଥିବା ବେଳେ ଲୋକଙ୍କର ଅର୍ଥନୀତିର ମେରୁଦଣ୍ଡ ଭାଙ୍ଗି ପଡ଼ିଛି। ଏଭଳି ପରିସ୍ଥିତିରେ ଶେଷ ଆଶ୍ରା କରିଥିବା ଚାଷ ବି ଦାଉ ସାଧିବାକୁ ବସିଲାଣି। ଲୋକେ ଚାଷ ଉପରେ ଭରସା କରି ଯାହା କିଛି ସଞ୍ଚୟ କରିଥିଲେ ହଳ, ରୁଆ, ପୋତା ଓ ସାର ବେଉଷଣରେ ଖର୍ଚ୍ଚ କରିଥିଲେ। ହେଲେ ଧାରା ଶ୍ରାବଣ ମାସରେ ବି ବର୍ଷା ଚାଷୀଙ୍କୁ ଧୋକା ଦେଲା। ସ୍ୱଳ୍ପ ବୃଷ୍ଟିପାତ ଓ ଅନାବୃଷ୍ଟି ଯୋଗୁ କେଉଁଠି ଜମି ଫାଟି ଫାଳ ଫାଳ ହେଲାଣି ତ କେଉଁଠି ଧାନ ଗଛରେ ଉଇ ଲାଗି କାଣ୍ଡ କାଟିଦେଲେଣି। ସେଥିପାଇଁ ଚାଷୀମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ଜୁଲାଇ ମାସ ଶେଷ ସୁଦ୍ଧା ସ୍ୱାଭାବିକ ଠାରୁ ୬୧ ପ୍ରତିଶତ କମ୍ ବୃଷ୍ଟିପାତ ହୋଇଥିବା ଜିଲା କୃଷି ଅଧିକାରୀ ଶରତ ଚନ୍ଦ୍ର ଦାସ ସୂଚନା ଦେଇଛନ୍ତି। ଜିଲାର ଝୁମ୍ପୁରା, ଚମ୍ପୁଆ ଓ ତେଲକୋଇ ବ୍ଲକରେ ସ୍ୱାଭାବିକ ବର୍ଷା ହୋଇଥିବା ବେଳେ ପାଟଣା, ସାହାରପଡ଼ା, ଘଟଗାଁ, ଆନନ୍ଦପୁର ଓ ଘସିପୁରା ବ୍ଲକରେ ସ୍ୱଳ୍ପ ବୃଷ୍ଟିପାତ ହୋଇଥିବା ଜିଲା କୃଷି ଅଧିକାରୀ କହିଛନ୍ତି। ଆଗାମୀ ଏକ ସପ୍ତାହ ମଧ୍ୟରେ ଭଲ ବର୍ଷା ନ ହେଲେ ଚାଷ ସବୁ ଉଜୁଡ଼ି ଯିବା ଆଶଙ୍କା ଉପୁଜିଲାଣି। ଜିଲାରେ ଥିବା କ୍ଷୁଦ୍ର, ମଧ୍ୟମ ଓ ବୃହତ୍ ଇରିଗେଶନ ପ୍ରୋଜେକ୍ଟରୁ କ୍ଷେତକୁ ଖୁବ୍‌ଶୀଘ୍ର ପାଣି ଛାଡ଼ିବାକୁ ଚାଷୀମାନେ ଦାବି କରିଛନ୍ତି।

# ଚିତ୍ରଡ଼ା ପଞ୍ଚାୟତ ଶଟ୍‌ଡାଉନ

ଚିତ୍ରଡ଼ା,୨।୮(ଡି.ଏନ୍.ଏ.)

**ରାଖୀ ବ୍ୟବସାୟ ପ୍ରଭାବିତ**

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ପଞ୍ଚାୟତକୁ ସରପଞ୍ଚ ଦୁଲାରୀ ମାରାଣ୍ଡି ଆସନ୍ତା ୪୮ ଘଣ୍ଟା ପାଇଁ ଶଟ୍ ଡାଉନ ଘୋଷଣା କରିଛନ୍ତି। ପଞ୍ଚାୟତର ଜଣେ ଡ୍ରାଇଭର କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ଏହି ପଦକ୍ଷେପ ନିଆଯାଇଥିବା ସରପଞ୍ଚ ସୂଚନା ଦେଇଛନ୍ତି। ତେବେ ଶଟ୍ ଡାଉନ ଯୋଗୁ ରାଖୀ ବ୍ୟବସାୟୀ ଏବଂ ମିଠା ଦୋକାନୀ ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଛି। ଚିତ୍ରଡ଼ା ବଜାରରେ ରାଖୀ ଦୋକାନ ଖୋଲିବା ଲାଗି ସ୍ଥାନୀୟ ତହସିଲଦାର ୬ ଜଣଙ୍କୁ ଅନୁମତି ଦେଇଥିଲେ। ସେମାନେ ପ୍ରତ୍ୟେକ ୧୫ରୁ ୨୦ ହଜାର ଟଙ୍କା ଲେଖାଏଁ ରାଖୀ କିଣି ଦୋକାନ ଖୋଲିଥିଲେ। ହେଲେ ଶଟ୍ ଡାଉନ ଯୋଗୁ ସେମାନଙ୍କ ବେପାର ଠପ୍ ହୋଇପଡ଼ିଛି। ସେହିପରି ମିଠା ବ୍ୟବସାୟୀ ଜୟ କିଶୋର ସାହୁ ରାଖି ପୂର୍ଣ୍ଣମୀ ଲାଗି ୭୦ କେ.ଜି ଛେନା ଆଣି ମିଠା ତିଆରି କରିଥିଲେ। ଶଟ୍ ଡାଉନ ଯୋଗୁଁ ସମ୍ପୂର୍ଣ୍ଣ ଜିନିଷ ନଷ୍ଟ ହେବ ବୋଲି ସେ କହିଛନ୍ତି। ରବିବାର ସନ୍ଧ୍ୟାରେ ଶଟ୍ ଡାଉନ୍ ଲାଗି ପ୍ରଚାର କରାଯାଉଥିବା ବେଳେ ଦୋକାନୀମାନେ ପ୍ରଚାର ଗାଡ଼ିକୁ ଅଟକାଇ ଥିଲେ। ବ୍ୟବସାୟୀ ସଂଘ ସମ୍ପାଦକ ସୀମାନ୍ତ ବାରିକ ଦୋକାନ ଖୋଲା ରଖିବା ପାଇଁ ସରପଞ୍ଚଙ୍କୁ ଅନୁରୋଧ କରିଥିଲେ। ସୋମବାର ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ ଦୋକାନ ଖୋଲା ରହିବ ବୋଲି ସରପଞ୍ଚ ସୂଚନା ଦେଇଛନ୍ତି। ଏସମ୍ପର୍କରେ ବୁଦ୍ଧିଜୀବୀ ସନ୍ତୋଷ କୁମାର ବେହେରା କୁହନ୍ତି ଗହ୍ମାପୂର୍ଣ୍ଣିମା ଥିବାରୁ ପଞ୍ଚାୟତକୁ ଶଟ ଡାଉନ ଘୋଷଣା କରିବା ଅପେକ୍ଷା ଆକ୍ରାନ୍ତ ଚିହ୍ନଟ ହୋଇଥିବା ୱାର୍ଡକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଥିଲେ ଭଲ ହୋଇଥାନ୍ତା।

# ସବ୍‌ପୋଷ୍ଟ ଅଫିସ ସ୍ଥାନାନ୍ତରକୁ ବିରୋଧ

ରୂପ୍‌ସା, ୨।୮(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ରାଇସୁଆଁ ମୌଜାରେ ଥିବା ହଳଦୀପଦା ସବ୍‌ପୋଷ୍ଟ ଅଫିସ ସ୍ଥାନାନ୍ତରକୁ ଶତାଧିକ ମହିଳା, ପୁରୁଷ ରବିବାର ବିରୋଧ କରିଛନ୍ତି। ଶହେ ବର୍ଷର ଏହି ପୋଷ୍ଟଅଫିସ୍‌କୁ ସ୍ଥାନାନ୍ତର କରିବାକୁ ଆସିଥିବା ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଅଫ ପୋଷ୍ଟାଲ, ବାଲେଶ୍ୱର ଶିବ ପ୍ରସାଦ ବେହେରା ଓ ପୋଷ୍ଟମାଷ୍ଟର କିଶାନ ସୋରେନଙ୍କୁ ଜନସାଧାରଣ ଭେଟି ସ୍ଥାନାନ୍ତର ବନ୍ଦ ରଖିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ଦିଗରେ ଗୁରୁତ୍ୱ ଦିଆ ନ ଗଲେ ଆଗାମୀ ଦିନରେ ଜନଆନ୍ଦୋଳନ ଉଗ୍ରରୂପ ନେବ ବୋଲି ଚେତାବନୀ ଦିଆଯାଇଛି।

ହଳଦୀପଦା ସବ୍‌ପୋଷ୍ଟ ଅଫିସ ଅଧୀନରେ ରାଇସୁଆଁ, ଚଷାଖଣ୍ଡ, ଓଡ଼ଙ୍ଗୀ, ନଗ୍ରମ, କୁରାଡ଼ିହା, ହଳଦୀପଦା, ପଞ୍ଚୁପଡ଼ା, ସାର୍ଥା, ଛାନୁଆ, ବାହାବଳପୁର ଆଦି ପଞ୍ଚାୟତ ସମତେ ୧୬ଗୋଟି ବ୍ରାଞ୍ଚ ପୋଷ୍ଟଅଫିସ ରହିଛି। ଏହା ସମ୍ପୂର୍ଣ୍ଣ ମଧ୍ୟସ୍ଥଳୀ ଓ ନିରାପଦ ସ୍ଥାନରେ ଅବସ୍ଥିତ। ପୁରାତନ ପୋଷ୍ଟଅଫିସ ଗୃହ ପରିଚାଳନାରେ ଅବ୍ୟବସ୍ଥା ହେବାରୁ ଗତ ୨୦୧୪ରେ ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ପୋଷ୍ଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ଅନୁମୋଦନକ୍ରମେ ରାଇସୁଆଁ ଗ୍ରାମର ଜଣେ ବ୍ୟକ୍ତିଙ୍କ ନୂତନ ପକ୍କା ଘରେ ଏଗ୍ରିମେଣ୍ଟ ହୋଇ ଅଫିସ ଗୃହର ଶୁଭାରମ୍ଭ ହୋଇଥିଲା। ଏହାପରେ ଘର ମାଲିକଙ୍କୁ ଇଣ୍ଟରନେଟ୍ ଓ ବ୍ରଡ୍‌ବ୍ୟାଣ୍ଡ ବ୍ୟବସ୍ଥା କରାଇବା ପାଇଁ କୁହାଯାଇଥିଲା। ଘରମାଲିକ ଏଥିରେ ରାଜି ନ ହେବାରୁ ବିଭାଗ ଆଳ ଦେଖାଇ ଏହି ପୋଷ୍ଟଅଫିସକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ଲାଗି ମସୁଧା କରିଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ପଞ୍ଚାୟତବାସୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଜିଲାପାଳ, ବିଭାଗୀୟ ଜେନେରାଲ ମ୍ୟାନେଜର ଓ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଲିଖିତ ଭାବେ ଜଣାଇବା ସହ ପୋଷ୍ଟଅଫିସ୍‌ରେ ବିଭାଗ ତରଫରୁ ବ୍ରଡ଼ବ୍ୟାଣ୍ଡ, ଇଣ୍ଟରନେଟ୍‌ର ସୁବିଧା କରାଇ ଅନ୍ୟତ୍ର ସ୍ଥାନାନ୍ତର ନ କରିବା ପାଇଁ ଦାବିପତ୍ର ଦେଇଥିଲେ। କରୋନା କଟକଣାରେ ରବିବାର ଶଟ୍‌ଡାଉନ୍ ସତ୍ତ୍ୱେ ପୋଷ୍ଟାଲ ତରଫରୁ ଏହି ପୋଷ୍ଟ ଅଫିସ୍‌କୁ ସ୍ଥାନାନ୍ତର କରାଯିବ ବୋଲି ଘର ମାଲିକଙ୍କୁ ଚିଠି ଦ୍ୱାରା ଅବଗତ କରାଯିବା ପରେ ଉତ୍ତେଜନା ଦେଖାଦେଇଥିଲା। ସରପଞ୍ଚ ଇତିଶ୍ରୀ ଦାସ, ପ୍ରଗତି ମଞ୍ଚ ସଭାପତି ରବୀନ୍ଦ୍ର ନାଥ ମହାନ୍ତି, ପୂର୍ବତନ ସରପଞ୍ଚ ରାଧାକୃଷ୍ଣ ଜେନା, ଉପସଭାପତି ବୃହସ୍ପତି ଦାଶଙ୍କ ନେତୃତ୍ୱରେ ୧୦ଟି ପଞ୍ଚାୟତର ମହିଳା, ପୁରୁଷ ଏକଜୁଟ୍ ହୋଇ ବିଭାଗର ମନମୁଖୀ କାର୍ଯ୍ୟକୁ ବିରୋଧ କରିଥିଲେ। ସମାଜସେବୀ ସୁଦର୍ଶନ ନାୟକ, ଡ. ପ୍ରତାପ ସାମଲ, ସତ୍ୟନାରାୟଣ ନାୟକ, ସୁଶାନ୍ତ ଦାସ, କାଶୀନାଥ ଦାସ, ହରିନାରାୟଣ ମହାଲିକ, ମହେଶ୍ୱର ମହାନ୍ତିଙ୍କ ସମେତ ଶତାଧିକ ଲୋକେ ଏହାକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳରେ ପୋଷ୍ଟଅଫିସ୍ ସ୍ଥାନାନ୍ତରେ କାର୍ଯ୍ୟକୁ ସ୍ଥଗିତ ରଖି ବିଭାଗୀୟ ଅଧିକାରୀ ଫେରିଯାଇଥିଲେ।




ପୋଷ୍ଟ ଅଫିସ ସ୍ଥାନାନ୍ତରକୁ ବିରୋଧ କରୁଥିବା ମହିଳା, ପୁରୁଷ।

**ଏକାଠି ହେଲେ ୧୦ ପଞ୍ଚାୟତର ମହିଳା, ପୁରୁଷ**

